# ସମ୍ବଲପୁରୀ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ



**ସମ୍ବଲପୁର, ୮।୧ (ସମିସ) :** ଗଙ୍ଗାଧର ମଣ୍ଡପଠାରେ ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ତୃତୀୟ ବର୍ଷ ସମ୍ବଲପୁରୀ ଧନୁଯାତ୍ରା ନିମନ୍ତେ ପାରମ୍ପରିକ ରୀତିନୀତିରେ ସମ୍ବଲପୁର ବ୍ରହ୍ମ ପଣ୍ଡିତ ମହାସଭା ତରଫରୁ ମଞ୍ଚପୂଜା ଓ ଶୁଭସ୍ତମ୍ଭ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ସଞ୍ଜୟ କୁମାର ବାବୁ ଓ କଂସ ଅଭିନେତା ଫଣୀନ୍ଦ୍ର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର, ପଣ୍ଡିତ ଅମର ନାଥ ମିଶ୍ର, ପଣ୍ଡିତ କାଳିଦାସ ପଣ୍ଡା, ପଣ୍ଡିତ କାହ୍ନୁଚରଣ ଷଡ଼ଙ୍ଗୀ, ପଣ୍ଡିତ ଦୀପକ କୁମାର ପାଣିଗ୍ରାହୀ, ପଣ୍ଡିତ ହରେଶ ମିଶ୍ର ଓ ପଣ୍ଡିତ ପୂର୍ଣଚନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକାରୀ ସଭାପତି କମଲ ଲୋଚନ ପଣ୍ଡା, ସମ୍ପାଦକ ଗୁଣ ରଞ୍ଜନ ସାଲିମା, ନିର୍ଦ୍ଦେଶକ ବବଲୁ ବାଗ ଓ ପ୍ରଶାନ୍ତ ମହାରଣା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ଉପସଭାପତି ରାମଦାସ ପଣ୍ଡା ଓ ଶଙ୍କର ବେହେରା, ସହସମ୍ପାଦକ ଓ ସହସମ୍ପାଦିକା ଦୁଷ୍ମନ୍ତ ପଣ୍ଡା ଓ ଲିଲିମା ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ଓ ଲଳିତ ବେବର୍ତ୍ତା, ସୂର୍ଯ୍ୟ ପାଣିଗ୍ରାହୀ, ଚୈତନ୍ୟ ନାୟକ, ସନ୍ତୋଷ ରାୟଗୁରୁ, ସୌରୀ ପାଣିଗ୍ରାହୀ, କିଶୋର ଧରେଇ, ସ୍ୱାଧୀନ ପଣ୍ଡା, ରାହୁଲ ଗୁପ୍ତା, ହିମାଂଶୁ ସାହୁ, ସୁରେଖା ସାହୁ, ଶ୍ୱେତା ପଣ୍ଡା, ପ୍ରିୟଙ୍କା ପ୍ରଧାନ, ରଞ୍ଜନା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜାନୁଆରୀ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ସମ୍ବଲପୁରୀ ଧନୁଯାତ୍ରାରେ ସମ୍ବଲପୁର ନଗରୀ ମଥୁରା ନଗରୀ, ଗଙ୍ଗାଧର ମଣ୍ଡପ କଂସ ଦରବାର, ଚାଉଁରପୁର ଗୋପପୁର ଏବଂ ମହାନଦୀକୁ ଯମୁନା ନଦୀ ଭାବେ ବ୍ୟବହାର କରାଯିବ।

# ଧାନ ବିକ୍ରିରେ ଉତ୍କଟ ସମସ୍ୟା
# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି

**ସମ୍ବଲପୁର, ୮।୧(ସମିସ)**

ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ପ୍ରେସ ବିବୃତି ଜରିଆରେ ଜଣାଇଛନ୍ତି, କୁଚିଣ୍ଡା ଉପଖଣ୍ଡ ସମେତ ସମଗ୍ର ସମ୍ବଲପୁର ଜିଲ୍ଲା ଏବଂ ଦେବଗଡ଼ ଜିଲ୍ଲାରେ ଚାଷୀମାନଙ୍କ ଧାନ ବିକ୍ରିରେ ଉତ୍କଟ ସମସ୍ୟା ସୃଷ୍ଟି ହୋଇଛି। ଏଦିଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରି ସମାଧାନ କରିବାକୁ ସେ ଦାବି କରିଛନ୍ତି। ବୁଧବାର ମିଲର୍‌ଙ୍କ ଧର୍ମଘଟର ଅବସାନ ହୋଇଛି। ଧାନ ବିକ୍ରି ସମସ୍ୟା ସ୍ୱାଭାବିକ ହେବ ବୋଲି ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହୋଇଛି। କିନ୍ତୁ ଗତ ତିନିଦିନ ପୂର୍ବରୁ ଅର୍ଥାତ୍ ମିଲରଙ୍କ ଧର୍ମଘଟ ହୋଇନଥିବା ସତ୍ତ୍ୱେ ଧାନବିକ୍ରିରେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଦୃଢ଼ତା ସହିତ ଓ ସକ୍ରିୟତାର ଅଭାବରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କୁଚିଣ୍ଡା ଉପଖଣ୍ଡର ମିଲର୍ ମାନଙ୍କ ଧର୍ମଘଟ ପୂର୍ବରୁ ବିଭିନ୍ନ ମଣ୍ଡିରେ ପ୍ରାୟ ୩ ଲକ୍ଷ ବସ୍ତା ଧାନ ପଡ଼ିରହିଛି। ଉଦାହରଣ ସ୍ୱରୂପ କୁସୁମୀ ମଣ୍ଡିରେ ପ୍ରାୟ ୨୯୪୮୫ ବସ୍ତା, ଭୋଜପୁର୍ ମଣ୍ଡିରେ ୧୮୦୦୦ ବସ୍ତା, ସାଲେଭାଡ଼ିରେ ୧୭୦୯୭ ବସ୍ତା, ବକ୍ସମାରେ ୨୫୧୪୦ ବସ୍ତା ଧାନ ବିକ୍ରି ହୋଇନପାରି ପଡ଼ିରହିଛି। ଏପରି ଅବସ୍ଥା ପ୍ରାୟତଃ ସମଗ୍ର ଉପଖଣ୍ଡରେ ରହିଛି। ଏହାସହିତ ଚାଷୀମାନଙ୍କୁ ଆବଶ୍ୟକୀୟ ଟୋକନ ମିଳିନାହିଁ ଏବଂ କଟ୍‌ନୀଛଟ୍‌ନୀ ଚାଲିଛି। କୁଚିଣ୍ଡା ଉପଖଣ୍ଡ ତଥା ନିର୍ବାଚନ ମଣ୍ଡଳୀ ଖୋଦ୍ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏପରି ଅବସ୍ଥା ଖୁବ୍ ଦୁର୍ଭାଗ୍ୟଜନକ ଅଟେ।

ଦେବଗଡ଼ ଜିଲ୍ଲାରେ ମଣ୍ଡିମାନଙ୍କରେ ଧାନ ବିକ୍ରି ତ ଦୂରର କଥା ଅଧିକାଂଶ ମଣ୍ଡି ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଅଧିକାଂଶ ମଣ୍ଡିରେ ଧାନ ବିକ୍ରି ହେଉନାହିଁ। ବହୁସଂଖ୍ୟକ ଚାଷୀଙ୍କୁ ଟୋକନ ସୁଦ୍ଧା ମିଳିନାହିଁ। ସେହିପରି ସମ୍ବଲପୁରରେ ଜଳସେଚିତ ଅଞ୍ଚଳ ସହିତ ଅଣଜଳସେଚିତ ଅଞ୍ଚଳ ଏବଂ ରେଢ଼ାଖୋଲ ଉପଖଣ୍ଡରେ ଆବଶ୍ୟକ ଅନୁପାତରେ ଟୋକନ ଦିଆଯାଇନାହିଁ। ଧାନବିକ୍ରିରେ ଅଚଳାବସ୍ଥା ଲାଗିରହିଛି। ଏପରି ପରିସ୍ଥିତିରେ ସରକାରଙ୍କ ଘୋଷଣା ଅନୁସାରେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଷୀମାନେ ଅପେକ୍ଷା କଲେ ଜଳସେଚିତ ଅଞ୍ଚଳରେ ରବିଚାଷ ପାଇଁ ଆର୍ଥିକ ସଂକଟର ସମ୍ମୁଖୀନ ହେବେ ଏବଂ ଅଣସେଚିତ ଅଞ୍ଚଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଦଲାଲ ମାନଙ୍କୁ ବିକ୍ରି କରି କ୍ଷତିଗ୍ରସ୍ତ ହେବେ। ସରକାରଙ୍କ ୩୧ ଶହ ଟଙ୍କା ଘୋଷଣା କେବଳ ଘୋଷଣାରେ ରହିଯିବ। ବର୍ତ୍ତମାନ ମଣ୍ଡି ଗୁଡିକରେ ଧାନ ଉଠାଇବା ସକ୍ରିୟତା ସହିତ ଚାଲୁ ରଖିବାକୁ ପ୍ରଶାସନ ତତ୍ପରତା ପ୍ରକାଶ କରିବା ଜରୁରୀ। ଏଣୁ କେବଳ ଯୋଗାଣ ବିଭାଗ ଉପରେ ନିର୍ଭର ନକରି ମୁଖ୍ୟମନ୍ତ୍ରୀ ଏହି ଉତ୍କଟ ସମସ୍ୟାର ସମାଧାନ କରିବାକୁ ଶ୍ରୀ ମହାନ୍ତି ଦାବି ଜଣାଇଛନ୍ତି।

# କୁଚିଣ୍ଡା ଅଞ୍ଚଳରେ ପ୍ରବଳ ଶୀତ ଲହରୀ

**କୁଚିଣ୍ଡା, ୮ ।୧(ସମିସ):** ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ବହୁ ଗରିବ ଲୋକ ହାଡ଼ ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। କୁଚିଣ୍ଡାର ଆଭ୍ୟନ୍ତରୀଣ ବଣ ଜଙ୍ଗଲ, ପାହାଡ଼ ଘେରା



ଅଞ୍ଚଳରେ ଶୀତର ଆହୁରି ପ୍ରକୋପ ଦେଖା ଦେଉଥିବା ବେଳେ ବହୁ ଅଞ୍ଚଳରେ ତୁଷାରପାତ ହୋଇଥିବା ଜଣାପଡ଼ିଛି। ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସ୍ଥାନେ ସ୍ଥାନେ ନିଆଁ ଜଳାଇ ପୁଆଉଁ ଥିବା ଦେଖାଯାଉଛି।ବୁଧବାର ଜରାବଗା ଅଞ୍ଚଳରେ ତୁଷାରପାତ ହୋଇ ଧାନ କେଣ୍ଡା, ନଡା ଉପରେ ବରଫ ଜମି ରହିଥିବା ଦେଖିବାକୁ ମିଳିଥିଲା। ଏପରିସ୍ଥଳେ କୁଚିଣ୍ଡାରେ ବେସାହାରା ବୁଲା ଭିକାରୀ, ପାଗଳ, ଗରିବ ଲୋକଙ୍କ ପାଖରେ ଶୀତ ବସ୍ତ୍ର ନାହିଁ। ଏନ୍ଏସି ପକ୍ଷରୁ ଏମାନଙ୍କୁ ଚିହ୍ନଟ କରି ରାତ୍ରି ଆଶ୍ରୟସ୍ଥଳୀରେ ଥଇଥାନ କରିବା ସହ ଶୀତବସ୍ତ୍ର ଯୋଗାଇ ଦେବାକୁ ଦାବି ହେଉଛି।

# ଟାଉନ ହାଇସ୍କୁଲର ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୮।୧ (ସମିସ) :** ନୃସିଂହ ଗୁରୁ ଟାଉନ ହାଇସ୍କୁଲର ପ୍ରତିଷ୍ଠା ଦିବସ ପୂର୍ବତନ ଛାତ୍ର ସଂସଦ ଦ୍ୱାରା ପାଳିତ ହୋଇଯାଇଛି। ଏଥିରେ ଆଲୁମିନି ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବାସହ ଛାତ୍ର ମାନଙ୍କୁ ଶୃଙ୍ଖଳିତ ହୋଇ ନିଜ ଲକ୍ଷ୍ୟ ପୂରଣ ଦିଗରେ କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ପ୍ରଧାନ ଶିକ୍ଷୟତ୍ରୀ ମିନା କୁମାରୀ ମିଶ୍ର ପୂର୍ବତନ ଛାତ୍ର ସଂସଦର ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଧନ୍ୟବାଦ ଦେବାସହ ସେମାନେ ପିଲା ମାନଙ୍କ ପ୍ରେରଣାର ଉତ୍ସ ହେବେ ବୋଲି ଆଶାପ୍ରକାଶ କରିଥିଲେ। ସଭାପତି ଡଃ ଦାନୀ ମହାପୁରୁଷ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜୀବନ ଓ ଦର୍ଶନ ଅଧ୍ୟୟନ କରିବାକୁ କହିଥିଲେ। ପୂର୍ବତନ ଛାତ୍ର ଇଂ. ଜୟକୃଷ୍ଣ ନନ୍ଦ, ପ୍ରଫୁଲ୍ଲ ଗୁରୁ, କୈଳାସ ଚନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ପତି ପ୍ରମୁଖ ଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ, ରଚନା, ସଙ୍ଗୀତ, ନୃତ୍ୟ ତଥା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିଅର ଗ୍ରୁପରେ ନିର୍ମଳ ଲୁହା ଓ ସିନିୟର ଗ୍ରୁପରେ ଜୟପ୍ରକାଶ ବରାଡ ଚମ୍ପିଆନ ହୋଇଥିଲେ। ଶେଷରେ ଛାତ୍ରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନବ ଗଠିତ ସୋହେଲା ଏନ୍ଏସିର ନୂତନ ଇଓ ଭାବେ ବିଡିଓ କରିସ୍ମା ବେଶ୍ରା ନିଯୁକ୍ତ

**ସୋହେଲା, ୮।୧(ସମିସ):** ସୋହେଲାକୁ ରାଜ୍ୟ ସରକାର ନୂତନ ଭାବେ ଏନଏସି ଘୋଷଣା କରିଛନ୍ତି। ସୋହେଲା ପଞ୍ଚାୟତର ସୋହେଲା ସମେତ



ଇଚ୍ଛାପାଲି, ଧୂସରବାହାଲ, ହଳଦିପାଲି, ପିପିଲି ପାଲି ଗାଁକୁ ନେଇ ଏନଏସି ଗଠନ କରାଯାଇଛି। ବହୁ ପ୍ରତିକ୍ଷିତ ଏହି ଘୋଷଣା ପରେ ସୋହେଲାରେ ଖୁସିର ଲହରୀ ଖେଳି ଯାଇଛି। ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବରଗଡ଼ର ଚିଠି ଅନୁସାରେ ଜିଲ୍ଲାପାଳ ସ୍ଥାନୀୟ ବିଡିଓ କରିସ୍ମା ବେଶ୍ରାଙ୍କୁ ଏହି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହାକୁ ତତ୍କାଳ ଲାଗୁ କରାଯିବା ପାଇଁ ଚିଠିରେ ନିର୍ଦ୍ଦେଶ ଦିଆ ଯାଇଛି। ଏପରିକି ବିଡିଓଙ୍କୁ ଅର୍ଥନୈତିକ କ୍ଷମତା ମଧ୍ୟ ପ୍ରଦାନ କରାଯାଇଛି। ଏବେ ବ୍ଲକ ଅଫିସରେ ଏନଏସିର ସମସ୍ତ କାର୍ଯ୍ୟ ଚାଲିବ ବୋଲି ଜଣାଯାଇଛି।

# ଆଜି କଳାମାଟିରେ ଭିମ୍ସାର ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୮ ।୧(ସମିସ):** ସମ୍ବଲପୁର କଳାମାଟିରେ ଶୁକ୍ରବାର ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏଥିରେ ଭିମ୍ସାର୍ ରୋଗୀଙ୍କ ପାଖରେ ପହଞ୍ଚିବ। ଭିମ୍ସାରର ୟୁଜି ଛାତ୍ର ସଂଘର ଏସଏସଜି ସୋସାଇଟି ତରଫରୁ ସମ୍ବଲପୁର କଳାମାଟିରେ ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିରେ ଭିମ୍ସାରର ୧୪ଟି ବିଭାଗର ୧୪ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେବେ। ସେହିଭଳି ପିଜି, ୟୁଜି ଛାତ୍ରଙ୍କ ସହ ହାଉସ ସର୍ଜନ ଡାକ୍ତରମାନେ ମଧ୍ୟ ସାମିଲ ହେବେ। ଭେଷଜ, ଅସ୍ଥିଶଲ୍ୟ, ହାଡ଼, ପ୍ରସୂତି, ଶିଶୁ, ଚର୍ମ, ଦନ୍ତ, ଚକ୍ଷୁ, କର୍ଣ୍ଣ-ନାସା-ଗଳା, ବୃକକ ଏବଂ ମାନସିକ ରୋଗ ଇତ୍ୟାଦି ବିଭାଗର ବିଶେଷଜ୍ଞମାନେ ଯୋଗ ଦେବେ। ସେହିଭଳି ଯୋଗ ବିଶେଷଜ୍ଞ ମଧ୍ୟ ସାମିଲ ହେବେ। ରକ୍ତ ଶର୍କରା, କୋଲେଷ୍ଟରୋଲ ଏବଂ ରକ୍ତଚାପ ପରୀକ୍ଷା କରାଯିବ। ନିଃଶୁଳ୍କ ଔଷଧ ପ୍ରଦାନ କରାଯିବ। ଶୁକ୍ରବାର ସକାଳେ ଏହି ଶିବିରକୁ ଭିମ୍ସାରର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ମହାନ୍ତି ଉଦ୍‌ଘାଟନ କରିବେ। ଏସ୍ଏସ୍‌ଜିର ଉପସଭାପତି ସହକାରୀ ଅଧ୍ୟାପକ ଡାକ୍ତର ଶଙ୍କର ରାମଚନ୍ଦାନୀ ଏବଂ ସମ୍ପାଦକ ମଳୟ ରଞ୍ଜନ ଷଡ଼ଙ୍ଗୀ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଲୋକେ ଏହି ବିଶାଳ ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେଇ ଉପକୃତ ହେବାକୁ ଡାକ୍ତର ଶଙ୍କର ରାମଚନ୍ଦାନୀ ଅନୁରୋଧ କରିଛନ୍ତି।

# ପୁଣି କମାଲ ଦେଖାଇଲେ ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ୍ ସନ୍ତୋଷ

**ବରଗଡ଼, ୮।୧(ସମିସ):** ଗୋଚ୍ଛିବୋଲୀ ନ୍ୟାସନାଲ ଷ୍ଟାଡିୟମ ହାଇଦ୍ରାବାଦ ଠାରେ ଗତ ୬ ଓ ୭ ତାରିଖ ଓପନ ଅଲ୍ ଇଣ୍ଡିଆ ମାଷ୍ଟର ଟ୍ରେକ ଆଣ୍ଡ ଫିଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ଅନ୍ତର୍ଜାତୀୟ ମାଷ୍ଟର ଆଥଲେଟ୍ ଡ.ସନ୍ତୋଷ ପଧାନ ପ୍ରଥମ ବର୍ଷର ପ୍ରଥମ ଜାତୀୟ ମାଷ୍ଟର ଆଥଲେଟିକ୍ସରେ ହାଟ୍ରିକ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।




ଅଲ୍ ଇଣ୍ଡିଆ ମାଷ୍ଟର ସ୍ପୋର୍ଟ୍ସ ଫେଡେରେସନ ଦ୍ୱାରା ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ଡ.ସନ୍ତୋଷ ନିଜ ବର୍ଗ ବୟସର ବ୍ୟକ୍ତିଗତ ଇଭେଣ୍ଟ ଟ୍ରିପଲ ଜମ୍ପ, ଶହେ ମିଟର ଏବଂ ୫୦ ମିଟର ଦୌଡରେ ପ୍ରଥମ ସ୍ଥାନ ହାସଲ କରି ୩ଟି ହାଟ୍ରିକ ସ୍ୱର୍ଣ୍ଣ ପଦକ ଅର୍ଜନ ଲାଭ କରିଛନ୍ତି। ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପାଖାପାଖି ୭ ଶହରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଏବଂ ମହିଳା ଆଥଲେଟ ଅଂଶଗ୍ରହଣ କରିଥିଲେ। ସନ୍ତୋଷ ଏହି ମିଟ୍‌ରେ ଏକ ନୂତନ ରେକର୍ଡ ହାସଲ କରି ଆଗାମୀ ବର୍ଷ ହେବାକୁ ଥିବା ୱାର୍ଲ୍ଡ ମାଷ୍ଟର ସ୍ପୋର୍ଟ୍ସ ଚାମ୍ପିଅନସିପରେ ଭାଗ ନେବା ପାଇଁ ଅଲ୍ ଇଣ୍ଡିଆ ମାଷ୍ଟର ସ୍ପୋର୍ଟସ ଫେଡେରେସନ ଦ୍ୱାରା ଚୟନ ହୋଇଛନ୍ତି। ସନ୍ତୋଷ ପୂର୍ବରୁ ମଧ୍ୟ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ମାଷ୍ଟର ଖେଳ ପ୍ରତିଯୋଗିତା ମାନଙ୍କରେ ଅଂଶଗ୍ରହଣ କରି ନିଜ ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ଅନେକ ପଦକ ହାସଲ କରିଛନ୍ତି। ୨୦୨୬ରେ ହେବାକୁ ଥିବା ଆଗାମୀ ଜାତୀୟ ଓ ଅନ୍ତର୍ଜାତୀୟ ମାଷ୍ଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦେଶ ପାଇଁ ପୁଣି ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେ ରିଜର୍ଭ ପୁଲିସ ବରଗଡ଼ ଠାରେ କାର୍ଯ୍ୟରତ ଅଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

**ସୋହେଲା, ୮।୧ (ସମିସ):** ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ସୋହେଲା ବ୍ଲକ ଅଫିସର ସଭା ଗୃହରେ ଜାତୀୟ ଦିବସ ପାଳନ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ କରିସ୍ମା ବେଶ୍ରା ଅଧ୍ୟକ୍ଷତା କରିଥିଲେ। ପ୍ରତିବର୍ଷ ସ୍ଥାନୀୟ ମିନିଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥାଏ। ମୁଖ୍ୟ ଅତିଥିଙ୍କ ଦ୍ୱାରା ମିନିଷ୍ଟାଡିୟମ ଠାରେ ଜାତୀୟ ପତାକା ଉତ୍ତୋଳନ ସହ ସ୍ଥାନୀୟ ମୁଖ୍ୟ ଛକ ଠାରେ ଥିବା ସତ୍ୟାଗ୍ରହୀ ସ୍ମାରକୀ ପୀଠରେ ଜାତୀୟ ପତାକା ଉତ୍ତୋଳନ, ପ୍ରଭାତଫେରୀ ସହିତ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ମିଷ୍ଟାନ୍ନ ପ୍ରସ୍ତୁତି ଓ ବଣ୍ଟନ ଆଦି ଉପରେ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଭାରେ ବିଡିଓ କରିସ୍ମା ବେଶ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଅବସରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଶିଶିର ସାହୁ, ଅଶ୍ୱିନୀ ପାତ୍ର, ଅନୀଲ ପଧାନ, ସୁଶାନ୍ତ ମିଶ୍ର, ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ. ସୋହେଲା ଓକିଲ ସଂଘ ସଭାପତି ହାରାଧନ ବାଞ୍ଜି, ଆଡଭୋକେଟ ରୋହିତ ଦେବତା ଓ ଅଶୋକ ବାରିକ, କ୍ଷମାନିଧି ନାୟକ, ସୋହେଲା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀସେନ ଜେନା, ସବଜେଲର କୁଅର ଏକ୍କା, ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ହେମନ୍ତ ମେହେର, ପବ୍ଲିକ ସ୍କୁଲ ପିନ୍ସିପାଲ ଲକ୍ଷ୍ମୀକାନ୍ତ ସାହୁ, ଅରବିନ୍ଦ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୀବ ରଣା ତଥା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ପରିଚାଳନା କରିଥିଲେ। ବୈଠକରେ ବିବିଓ କରିସ୍ମା ବେସରା ଜାତୀୟ ପତାକା ଉତୋଳନ କରିବା ପାଇଁ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଜାତୀୟ ଦିବସ ଅବସରରେ ଅଞ୍ଚଳର ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

# ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



**ଗାଇସିଲେଟ, ୮।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆପାଲି ପିଏମଶ୍ରୀ ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗନିଆଁପାଲିରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗାଇସିଲଟ ଚେୟାରମ୍ୟାନ ପ୍ରଣୟ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ସାହୁ ମୁଖ୍ୟବକ୍ତା ରୂପେ ଉପସ୍ଥିତ ଥିଲେ। ବାଜିରାଉତ ମେମୋରିଆଲ ମହାବିଦ୍ୟାଳୟ, ଭୁବନର ଓଡ଼ିଆ ଅଧ୍ୟାପକ ଆଲୋକ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗନିଆଁପାଲି ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳୀ ବେହେରା, ଗାଇସିଲଟର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀଷ୍ମଦେବ ମାଝୀ, ଗାଇସିଲଟର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଲାଲ ବରିହା, ବ୍ୟଙ୍ଗକବି ଜ୍ଞାନ ହୋତା, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଆଶୁତୋଷ ନାଗ, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନର ସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଟ୍ୟାଲେଣ୍ଟ ଗ୍ୟାଲେରୀ, ଇନସ୍ପାୟର୍ଡ଼ ଓଡ଼ିଶା ୨୦୩୬, ଦୋକାନ ଯାତ୍ରା ମାଧ୍ୟମରେ ଭିନ୍ନଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ 'ବୋଧଦ୍ରୁମ' ନାମକ ବିଦ୍ୟାଳୟ ପତ୍ରିକା ଉନ୍ମୋଚିତ ହୋଇଥିଲା। ସୃଜନିକା ଲେଖନୀରେ କୁଲି ବିଶ୍ୱାଳ, ଇଭା ବିଶ୍ୱାଳ ଓ ସୁନୀତି ସାହୁ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ଯଶୋବନ୍ତ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋହେଲା ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷା ଯାଜ୍ଞସିନି ପାଣିଗ୍ରାହୀଙ୍କ ପରଲୋକ

**ସୋହେଲା, ୮।୧(ସମିସ):** ସୋହେଲା ବ୍ଲକର ପୂର୍ବତନ ଉପାଧ୍ୟକ୍ଷା ଯାଜ୍ଞସିନି ପାଣିଗ୍ରାହୀଙ୍କ ୭୬ ବର୍ଷ ବୟସରେ ପଲରୋକ ଘଟିଛି। ସ୍ୱର୍ଗତା ପାଣିଗ୍ରାହୀ ସୋହେଲାର ସ୍ୱନାମଧନ୍ୟ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଦୁଖୀଶ୍ୟାମ



ପାଣିଗ୍ରାହୀଙ୍କ ଧର୍ମପତ୍ନୀ ଅଟନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ ଶୁଶାନ୍ତ, ଶଶିକାନ୍ତ, ସୁଜ୍ଞାନ୍ତ ସମେତ ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତା ପାଣିଗ୍ରାହୀ ୧୯ ୯୨ରୁ ୧୯ ୯୫ ପର୍ଯ୍ୟନ୍ତ ସୋହେଲା ପଞ୍ଚାୟତର ସମିତି ସଭ୍ୟ ହେବାସହ ସୋହେଲା ବ୍ଲକର ଉପାଧ୍ୟକ୍ଷା ପଦବୀ ଅଳଙ୍କୃତ କରିଥିଲେ। ସେ ମଧ୍ୟ ସୋହେଲା ମହାବିଦ୍ୟାଳୟର ନିୟନ୍ତ୍ରକ ମଣ୍ଡଳୀର ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜଣେ ଧର୍ମପ୍ରାଣ, ସରଳ, ମିଷ୍ଟଭାଷୀ ମହିଳା ଭାବେ ତାଙ୍କର ସୁନାମ ରହିଥିଲା। ତାଙ୍କର ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଶୋକ ପ୍ରକାଶ କରିଛନ୍ତି। ସୋହେଲା ଦୁର୍ଗାପୂଜା କମିଟି, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ, ସାମ୍ବାଦିକ ସଙ୍ଘ, ଓକିଲ ସଂଘ ତରଫରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

# ୧୪୦ ଫୁଟ ମୋବାଇଲ ଟାୱାରକୁ ଚଢ଼ିଗଲା ପ୍ରେମପାଗଳ

**ତରଭା, ୮ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ଗୁରୁବାର ଅପରାହ୍ନରେ ଏକ ରୋଚକ ଘଟଣା ଘଟିଛି। ତରଭା ମାରୱାଡି ଧର୍ମଶାଳା ପଛପଟେ ଥିବା ଏକ ମୋବାଇଲ ଟାୱାରକୁ ଜଣେ ଯୁବକ ଚଢ଼ି ଯାଇଥିଲା। ତରଭା ସୁନାରୀପଡ଼ାର ସୁମିତ ସାହୁ (୨୬) ନାମକ ଏହି ଯୁବକ ଜଣକ ଯେତେ ଡାକିଲେ ମଧ୍ୟ ତଳକୁ ଆସି ନ ଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ମୋବାଇଲ ଟାୱାର ନିକଟରେ ଲୋକଙ୍କ ଭିଡ଼ ହୋଇଥିଲା। ଅଗ୍ନିଶମ କର୍ମଚାରୀ ଓ ପୁଲିସ ମଧ୍ୟ ପହଞ୍ଚି ଥିଲେ। ତେବେ ସୁମିତ ତା ମୋବାଇଲ ଧରି ଟାୱାରକୁ ଚଢ଼ି ଯାଇଥିଲା। ପ୍ରେମିକାକୁ ଡାକିଲେ ସେ ଓହ୍ଲାଇବ ବୋଲି ଜିଦ୍ କରିଥିଲା। ଶେଷରେ ପୁଲିସ ପ୍ରେମିକା ସହ ସୁମିତକୁ କଥା କରାଇ ଥିଲା। ଏହାପରେ ସେ



**ପ୍ରେମିକା ସହ କଥା ହେଲା ପରେ ଓହ୍ଲାଇଲା**

**ପୁଲିସ, ଅଗ୍ନିଶମ ବିଭାଗ ନାକେଦମ**

ତଳକୁ ଓହ୍ଲାଇବାକୁ ରାଜି ହୋଇଥିଲା। ଫାୟାର ଅଫିସର ଅନୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆଗ୍ନିକ ସାହେବ ଭୋଇ, ଆଗ୍ନିକ ସୁଶାନ୍ତ ବାରିକ ୧୪୦ ଫୁଟ ଟାୱାର ଉପରକୁ ଚଢ଼ି ସୁମିତକୁ ଉଦ୍ଧାର କରି ତଳକୁ ଆଣିଥିଲେ। ତଳକୁ ଆଣିବାପରେ ତାକୁ ଡାକ୍ତରଖାନା ନିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଆଗ୍ନିକ ଡ୍ରାଇଭର ହାବିଲଦାର ରତ୍ନାକର ପରିଡ଼ା, ଆଗ୍ନିକ ସଚିଦା ସାଇ, ଖଗେଶ୍ୱର ଦୀପ, ମନବୋଧ ସେଠ, ଲକ୍ଷ୍ମୀକାନ୍ତ ବାଗ, ପୁଲିସ ଏସ୍ଆଇ ରବୀନ୍ଦ୍ର ସାହୁ, ଏଏସ୍ଆଇ ସୁଧୀର ଜେନା, କନଷ୍ଟେବଳ କୈଳାସ ଭୋଇ, ସାନନ୍ଦ ମଲ୍ଲିକ ସାମିଲ ଥିଲେ।

# ବିଜେଡି ଟିମ୍‌ର ପର୍ଲା ଧାନ ମଣ୍ଡି ପରିଦର୍ଶନ



**ଧର୍ମଗଡ଼, ୮ ।୧(ସମିସ):** ବିଜେଡିର ଟିମ୍ ଧର୍ମଗଡ଼ ବ୍ଲକ ପର୍ଲା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଟିମ୍ ଆସି ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।ଆଲୋଚନା ବେଳେ ପର୍ଲା ମଣ୍ଡିରେ ବିଭିନ୍ନ ସମସ୍ୟା ଥିବା ଜାଣିବାକୁ ପାଇଁ ଟିମ୍ କ୍ଷୁବ୍ଧ ପ୍ରକାଶ କରିଛି।ମିଳିଥିବା ସୂଚନା ମତେ ଚାଷୀଙ୍କୁ ବସ୍ତା ନମିଳିବା, ୫-୬କିଲୋ କଟ୍‌ନୀ ଛଟନୀ ହେବା, ବିଳମ୍ବରେ ଧାନ ଉଠିବା, କ୍ରମିକ ଭାବେ ଚାଷୀ ଙ୍କ ଧାନ ନନେଇ ଚିହ୍ନା ମୁହଁ ଦେଖି ଚାଷୀ ଙ୍କ ଧାନ ନେବା ଏପରିକି ଚାଷୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଭଳି ଟିମ୍ ଜାଣିବାକୁ ପାଇଥିଲା। ଏହା ଉପରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ସହ ଟିମ୍ ଆଲୋଚନା କରିବ ବୋଲି ଶ୍ରୀ ଲହଜଲ ପ୍ରକାଶ କରିଛନ୍ତି।ସୂଚନା ଯେ ପର୍ଲା ମଣ୍ଡି ଦାୟିତ୍ୱ ଜୟ ଜଗନ୍ନାଥ ମହିଳା ଗୋଷ୍ଠୀଙ୍କୁ ଦିଆଯାଇଛି।ପ୍ରଥମ ପର୍ଯ୍ୟାୟରେ ସରକାର ୨୨, ୨୦୦୦କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ବ୍ୟବସ୍ଥା ରଖି ୫ ମିଲର୍ସକୁ ନିୟୋଜିତ କରିଛନ୍ତି। ମୋଟ ୧୦୪୭ଜଣ ଚାଷୀ ଧାନ କ୍ରୟ ପାଇଁ ପୁଞ୍ଜିକୃତ କରିଛନ୍ତି।ବର୍ତ୍ତମାନ ସୁଦ୍ଧା ୩୮ ୭ ଜଣ ଚାଷୀଙ୍କ ୧୫, ୨୫୮ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡ଼ିଛି।ତେବେ ପରିଦର୍ଶନ ଟିମ୍‌ରେ ବିଜେଡି ଜିଲ୍ଲା ସମ୍ପାଦକ ଲବଣି ରାଉତ, ଯୁବନେତା ଭବାନୀ ଶଙ୍କର ବଣିଆ, ବ୍ଲକ ମହିଳା ସଭାନେତ୍ରୀ ମିଥିଲା ପୁଞ୍ଜି, ମମତା ବାଗ, ସୋସିଆ ହାତୀ, ନବୀନ କୁମାର ପୁରୋହିତ, ଅରୁଣ କୁମାର ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/17**

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

